# ମହିଳା କଂଗ୍ରେସ

୧୪/୦୫/୧୯୮୯

ଆଜି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡ଼ିୟମରେ ଭାରତୀୟ ମହିଳା କଂଗ୍ରେସ ଆନୁକୂଲ୍ୟରେ ଦୁଇ ଦିନିଆ ଜାତୀୟ ମହିଳା ସମ୍ମିଳନୀ ଆରମ୍ଭ ହେବାକୁ ଯାଉଛି। ୧୯୮୪ ମସିହାର ବାଙ୍ଗାଲୋର ସମ୍ମିଳନୀପରେ ଏହା ବୋଧହୁଏ ମହିଳା କଂଗ୍ରେସର ସବୁଠାରୁ ଉଲ୍ଲେଖନୀୟ ସମାବେଶ। ଏହାର ଗୁରୁତ୍ୱ ସାଂପ୍ରତିକ ରାଜନୈତିକ ଓ ସାମାଜିକ ପରିସ୍ଥିତି ଦୃଷ୍ଟିରୁ ଆଉରି ଅଧିକ ବଢ଼ିଯାଇଅଛି। ପୁଣି, ଏହା ଆମ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ହେଉଥିବାରୁ ଏବଂ ଏହାର ନେତୃତ୍ୱ ଆମ ଭିତରୁ ଜଣେ ଓଡ଼ିଆ ନାରୀନେତ୍ରୀ ନେଇପାରିଥିବାରୁ ଏହା ଆମ ସମସ୍ତଙ୍କ ପାଇଁ ଅଧିକ ମହତ୍ତ୍ୱ ରଖୁଛି।

ଅତୀତରେ ଭୁବନେଶ୍ୱର, କଂଗ୍ରେସର ଅର୍ଥନୈତିକ ନୀତି ନିର୍ଦ୍ଧାରଣ ଓ ଆଭିମୁଖ୍ୟରେ ମୌଳିକ ପରିବର୍ତ୍ତନ ଆଣିବାରେ ଐତିହାସିକ ଭୂମିକା ଗ୍ରହଣ କରିଥିଲା। ଜାତୀୟ କଂଗ୍ରେସର ଭୁବନେଶ୍ୱର ଅଧିବେଶନରେ ସମାଜବାଦ ଏବଂ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ସ୍ପଷ୍ଟ ମତ ପ୍ରକାଶ ପାଇଥିଲା। ଆଜି ମଧ୍ୟ ନାରୀ ଜାତି ଚେତନାରେ ସାମଗ୍ରିକ ପରିବର୍ତ୍ତନର ସୂଚନା ମିଳୁଛି, ଏବଂ ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ମହିଳା କଂଗ୍ରେସ ସମ୍ମିଳନୀ ନିଶ୍ଚିତଭାବେ ଏକ ଐତିହାସିକ ଭୂମିକା ଗ୍ରହଣ କରିବ। ବାସ୍ତବିକ ଏକ ସଭ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରରେ ଅର୍ଦ୍ଧାଧିକ ନାଗରିକ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଦୃଷ୍ଟିରୁ ଉପେକ୍ଷିତ ହୋଇ ରହିବା ଆଦୌ ସ୍ପୃହଣୀୟ ନୁହେଁ। ନାରୀକୁ ଅବଳା ବା ଦୁର୍ବଳା ଆଖ୍ୟା ଦେଇ ତାକୁ ପୁରୁଷ ପ୍ରଧାନ ସମାଜର ଏକ ଗୌଣ ଅଙ୍ଗ ଭାବେ ସହାନୁଭୂତି ବା ଦୟାର ପାତ୍ର ରୂପେ ଦେଖିବାର ଯେଉଁ ଘୃଣ୍ୟ ମାନସିକତା ଏ ପର୍ଯ୍ୟନ୍ତ ରହିଆସିଛି ତା'ବିରୁଦ୍ଧରେ ଗୋଟାଏ ବିରାଟ ଜାଗରଣ ଓ ଆନ୍ଦୋଳନର ଆବଶ୍ୟକତା ରହିଛି। ଆଜିର ଏ ଜାତୀୟ ସମାବେଶରେ ଏ ସଂପର୍କରେ ସ୍ପଷ୍ଟ ମତ ପ୍ରକାଶ ପାଇବ ବୋଲି ଆଶା କରାଯାଏ। ଅବଶ୍ୟ ନାରୀ ଜାଗରଣ ବିଷୟରେ ଆଲୋଚନା ଓ ସମାବେଶର ଅଭାବ ଆମ ପାଇଁ ନାହିଁ। ସତୀ, ଯୌତୁକ ପରି ସାମାଜିକ କୁସଂସ୍କାର ବିରୁଦ୍ଧରେ ଲଢ଼ିବାଠାରୁ ଆରମ୍ଭ କରି ନାରୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କର୍ମନିଯୁକ୍ତି ଏବଂ ଅନ୍ୟାନ୍ୟ ଅର୍ଥନୈତିକ ସୁବିଧାସୁଯୋଗ ଦେବା ପର୍ଯ୍ୟନ୍ତ ଏବଂ ସର୍ବୋପରି ଆମର ରାଜନୈତିକ ବ୍ୟବସ୍ଥାରେ ସେମାନଙ୍କ ପ୍ରତିନିଧିତ୍ୱ ପାଇଁ ସ୍ଥାନ ସଂରକ୍ଷଣ ଭଳି ସ୍ଲୋଗାନ୍ ମୁଷ୍ଟିମେୟ ସୁବିଧାବାଦୀ ନାରୀନେତ୍ରୀ ସୃଷ୍ଟି କରିବାରେ ସାହାଯ୍ୟ କରିଛି ସିନା; ସେପରି କୌଣସି ମୌଳିକ

## ଆମ ଘରର ହାଲଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

ପରିବର୍ତ୍ତନ ପାଇଁ ସହାୟକ ହୋଇନାହିଁ। ଆସନ୍ତାକାଲି ହୁଏତ ଜାତୀୟ କଂଗ୍ରେସରଏ ସମାବେଶରେ ଏବଂ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଅନେକ ପ୍ରସ୍ତାବ ଗୃହୀତ ହେବ। ପଞ୍ଚାୟତ ସ୍ତରରୁ ଶତକଡ଼ା ୩୦ ଭାଗ ସ୍ଥାନ ନାରୀମାନଙ୍କ ପାଇଁ ସୁରକ୍ଷିତ ରଖିବା ସଙ୍ଗେ ସଙ୍ଗେ ଜମି ଓ ସଂପତ୍ତି ମାଲିକାନାର ଦଲିଲପତ୍ରରେ ସ୍ତ୍ରୀ ଏବଂ ପୁରୁଷ ଉଭୟଙ୍କୁ ସମାନ ଅଧିକାର ଦେବା ଭଳି ବହୁ ଚର୍ଚ୍ଚିତ ପ୍ରସଙ୍ଗ ଗୁଡ଼ିକୁ ରାଜନୈତିକ ଦାବିର ରୂପ ଦେଇ ଉପସ୍ଥାପିତ କରାଯିବ। ନିର୍ବାଚନ ବର୍ଷରେ ଏ ପ୍ରକାର ଆବେଗିକ ଆହ୍ୱାନର ମୂଲ୍ୟକୁ ହୁଏତ ଆମର ପୁରୁଷ ପ୍ରଧାନ ସମାଜ ସ୍ୱୀକୃତି ଦେବାପାଇଁ ବାଧ୍ୟ ହେବ। କିନ୍ତୁ ଆମ ବିଗ୍ରହରେ ଏ ପ୍ରକାର ଆନୁଷ୍ଠାନିକ ସଂରକ୍ଷଣ ବ୍ୟବସ୍ଥା ଅପେକ୍ଷା ଆମର ମୂଲ୍ୟବୋଧ ଏବଂ ଆଭିମୁଖ୍ୟରେ ମୌଳିକ ପରିବର୍ତ୍ତନର ଆବଶ୍ୟକତା ଅଧିକ। ରାଜନୈତିକ ଅଧିକାରର କି ମୂଲ୍ୟ, ଯଦି ସଂଖ୍ୟାଧିକ ମହିଳା ନାଗରିକ ରାଜନୀତି ପ୍ରତି ଆକୃଷ୍ଟ ନ ହେବେ ? ଶତକଡ଼ା ୩୦ ଭାଗ ସଂରକ୍ଷଣ ବ୍ୟବସ୍ଥା ବର୍ତ୍ତମାନ ରାଜନୈତିକ ସୁବିଧା ସୁଯୋଗ ହାସଲ କରିଥିବା ମନ୍ତ୍ରୀ, ଏମ୍.ପି. ଏବଂ ଏମ୍.ଏଲ୍.ଏ. ମାନଙ୍କର ପରିବାରର ରାଜନୈତିକ ଶ୍ରୀବୃଦ୍ଧି କରିବ ସିନା, ଅଧିକ କିଛି ହେବ ନାହିଁ। ଆମର ମୂଲ୍ୟବୋଧରେ ପରିବର୍ତ୍ତନ ପାଇଁ ପୁରୁଷମାନଙ୍କର ଯେତିକି ଦାୟିତ୍ୱ ରହିଛି, ତା'ଠାରୁ ଅଧିକ ଦାୟିତ୍ୱ ରହିଛି ମହିଳାମାନଙ୍କର। ଅନେକ ସମୟରେ ଦେଖାଯାଇଛି ଯେ, ଆମ ସମାଜର ଶିକ୍ଷିତ ମଧ୍ୟବିତ୍ତ ମହିଳାମାନେ ସବୁଠାରୁ ଅଧିକ ଆତ୍ମପ୍ରତାରଣାର ଶିକାର। ଯେଉଁ ମେଧାବୀ ଛାତ୍ରଟି ଯୌତୁକ ପ୍ରଥା ବିରୁଦ୍ଧରେ ବିତର୍କ କରି ପୁରସ୍କୃତ ହୋଇଥାଏ ସେହି ପୁଣି ପରବର୍ତ୍ତୀ କାଳରେ ବିନା ଯୌତୁକରେ ବିବାହ କରିବ ନାହିଁ ବୋଲି ବେଦୀରୁ ଉଠି ଆସିବାର ନଜିର ଅଛି। ସେହିପରି ଅନେକ ଉଚ୍ଚଶିକ୍ଷିତ ସଚେତନ ଓ ପ୍ରତିଷ୍ଠିତ ପରିବାରର ମହିଳାମାନେ ସ୍ୱାମୀ ଓ ଶାଶୁଘରର ଗୌରବରେ ଗୌରବାନ୍ୱିତ ଓ ସେମାନଙ୍କ ଦ୍ୱାରା ପ୍ରଦତ୍ତ ସାମାଜିକ ଓ ଅର୍ଥନୈତିକ ସୁରକ୍ଷାରେ ନିଜକୁ ଅଧିକ ସୁରକ୍ଷିତ ମନେକରନ୍ତି।

ଏ ପ୍ରକାର ମାନସିକତା ବିରୁଦ୍ଧରେ ସ୍ପଷ୍ଟ ମତ ପ୍ରକାଶ ନ ପାଇଲେ ଏ ସମାବେଶର କୌଣସି ମୂଲ୍ୟ ରହିବ ନାହିଁ। ଏ ପ୍ରକାର ମାନସିକତା ବିରୁଦ୍ଧରେ ସଂଗ୍ରାମ କରିବା କେବଳ କଂଗ୍ରେସର ଦାୟିତ୍ୱ ନୁହେଁ, ଦଳ ମତ ଓ ପୁରୁଷ-ସ୍ତ୍ରୀ ନିର୍ବିଶେଷରେ ସମସ୍ତେ ଏଥିରେ ସହଯୋଗ କରିବା ଦରକାର। ହୋଇପାରେ, କଂଗ୍ରେସ ଦଳ ଭୁବନେଶ୍ୱରର ଏ ସମାବେଶ ପାଇଁ ଅଗ୍ରଣୀ ଭୂମିକା ନେଉଛି ଏବଂ ଓଡ଼ିଶାର ସରକାରୀ କଳ ଓ ବଳର ସୁଯୋଗ ନିଆଯାଇଛି। ଏହା ସଫଳ ହେଲେ, ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକଙ୍କର ଏବଂ ଜାନକୀ ବାବୁଙ୍କର ଗୌରବ ହେବ, ତେଣୁ ଏହାକୁ ବିଫଳ କରିବାକୁ ପଡ଼ିବ — ଏହା ମଧ୍ୟ ଶୋଭନୀୟ ହେଉନାହିଁ। ବିରୋଧୀ ଦଳର ନେତ୍ରୀ ଶ୍ରୀମତୀ ଶାନ୍ତି ଦାସ ଏବଂ ଶ୍ରୀମତୀ ନଳିନୀ ସିଂଙ୍କ ମନ୍ତବ୍ୟ ଏ ପରିପ୍ରେକ୍ଷୀରେ ସବୁଠାରୁ ଦୁଃଖଦାୟକ। ଓଡ଼ିଶାରେ ନାରୀମାନେ ସୁରକ୍ଷିତ ନୁହନ୍ତି, ତେଣୁ ଏ ସମାବେଶକୁ କେହି ନ ଆସନ୍ତୁ ବୋଲି ପ୍ରକାଶ୍ୟରେ ବିବୃତି ଦେବା ବିକୃତ ମାନସିକତାର ପରିଚୟ ଦେଉଛି। ଶାନ୍ତିଦେବୀ ବୋଧହୁଏ ମନେ ମନେ ସମ୍ମିଳନୀରେ ଏପରି କିଛି ଘଟୁ ବୋଲି ଆଶା ବାନ୍ଧିଛନ୍ତି ଓ ସେଇଥିପାଇଁ ସମ୍ମିଳନୀ ପରେ ଦେବାକୁ ଥିବା 'ରେଡିମେଡ' ବିବୃତିଟିକୁ ଭୁଲ୍‌ରେ ଆଗତୁରା ସମ୍ବାଦପତ୍ରମାନଙ୍କୁ ଦେଇ ପକେଇଛନ୍ତି। ତଥାକଥିତ ଓ ସୁବିଧାବାଦୀ ନାରୀ ନେତ୍ରୀମାନଙ୍କର ଏ ପ୍ରକାର ମାନସିକତା ପାଇଁ ସମଗ୍ର ନାରୀ ଜାତି ଆଜି ଉପେକ୍ଷିତ।